

## ୬୪ ବର୍ଷ ● ୧୦ମ ସଂଖ୍ୟା ● ଜୁନ ୨୦୧୭

**ଆମ ମତ** : ଗଛ ଲଗାଇବା ନିହାତି ଜରୁରୀ କଥାକୁ ଆମେ କେତେ କାର୍ଯ୍ୟରେ କରି ଦେଖାଉଛୁ ?

**ଆସ ଜାଣିବା** : ଆମ ନୂଆ ମନ୍ତ୍ରିମଣ୍ଡଳ

**ଗପ** : ରହସ୍ୟମୟ ଚାକର, କିଏ କାହାକୁ ଧରିଛି, ...

**କବିତା** : ବରଷାଟି ଆସିଲା, ଗୀତ ଚାତୁରୀ, ...

**ଏଥିସହିତ କୁନିକୁନାଙ୍କ ପାଠଶାଳା, ଖବର ଓ ଆହୁରି ଅନେକ ବିଭାଗ।**

### ଆମ ମତ :

ବର୍ଷାଦିନ ହେଉଛି ଗଛ ଲଗାଇବା ପାଇଁ ପ୍ରକୃଷ୍ଟ ସମୟ। ହେଲେ ଗଛ ଲଗାଇବା ଭଳି ଏକ ଜରୁରୀ କଥାକୁ ଆମେ କେତେ ଗୁରୁତ୍ୱ ଦେଉଛୁ, ଏ ସଂପର୍କରେ କୁନାକୁନିମାନେ ନିଜନିଜର ମତ ପ୍ରଦାନ କରିଛନ୍ତି, ଏହି ସ୍ତମ୍ଭରେ।

### ଆସ ଜାଣିବା : ଆମ ନୂଆ ମନ୍ତ୍ରିମଣ୍ଡଳ

**ଲେଖକ : ଶରତ କୁମାର ନାୟକ**

ନିକଟରେ ଓଡ଼ିଶାରେ ଗଠନ କରାଯାଇଥିବା ନୂଆ ମନ୍ତ୍ରିମଣ୍ଡଳ ଓ ଶପଥଗ୍ରହଣ ଉତ୍ସବ ସଂପର୍କରେ ଏକ ଆଲୋଚନା କରିଛନ୍ତି ଲେଖକ।

### ଆସ ବୁଲିଯିବା : ପୁରୀ

**ଲେଖକ: କେଦାର ପୃଷ୍ଟି**

ପୁରୀ ବୁଲିଗଲେ, କ'ଣ କ'ଣ ଦେଖିବା, କିପରି ସେସବୁ ସ୍ଥାନକୁ ଯାଇ ପାରିବା ସେ ସଂପର୍କରେ ଭ୍ରମଣ କାହାଣୀଟି ଲେଖିଛନ୍ତି ଲେଖକ।

### ଗପ: ରହସ୍ୟମୟ ଚାକର

**ଲେଖକ: ଅଶୋକ କୁମାର ମହାନ୍ତି**

ଦୁଇଜଣ ବିଶିଷ୍ଟ ଚିତ୍ରଶିଳ୍ପୀଙ୍କ ଜୀବନୀକୁ ପିଲାମାନଙ୍କ ପାଇଁ ଗପ ଆକାରରେ ବର୍ଣ୍ଣନା କରିଛନ୍ତି ଲେଖକ।

### ଗପ: କିଏ କାହାକୁ ଧରିଛି

**ଲେଖକ : ଅରୁଣ କୁମାର ପଣ୍ଡା**

ରାଜା ସଂସାରକୁ ଜାବୁଡ଼ି ଧରିଛନ୍ତି, ନା' ସଂସାର ରାଜାଙ୍କୁ ଜାବୁଡ଼ି ଧରିଛି, ଏ କଥା ଏହି ଗପଟି ପଢ଼ିଲେ ହିଁ ଜାଣି ପାରିବା।

### ବିଜ୍ଞାନ କଥା : ଫୁଟାବାଲ୍‌ଟିର କୁହୁକ

**ଲେଖକ: ପ୍ରଦୋଷ ତ୍ରିପାଠୀ**

ଯଦିଓ ବାଲ୍‌ଟିରେ ତଳ ଉପର ହୋଇ ରହିଛି, ଦୁଇଟି କଣା, ମାତ୍ର ଜଳର ଚାପ ଯୋଗୁଁ, କଣାରୁ ବାହାରୁଥିବା ଜଳର ପରିମାଣରେ ଭିନ୍ନତା ରହୁଛି, ଏହାହିଁ ଗପରୁ ଜାଣି ହେବ।

### ଆମ କୁନି ଲେଖକ : ଲାଞ୍ଜୁଆ ବିଲୁଆ

**କୁନି ଲେଖକ: ସୁନୀଲ ପ୍ରଧାନ**

ବିଲୁଆ ସବୁବେଳେ ଲାଞ୍ଜ ଖୋଜି ଖୋଜି କିପରି ହଇରାଣ ହୋଇଛି, ତାହା ହିଁ ଗପଟିରେ ଦର୍ଶାଇ ଦିଆଯାଇଛି।

### ଆରବ ଦେଶର ଲୋକକଥା : ଅପହୃତ ପ୍ରତିମୂର୍ତ୍ତି

**ଅନୁବାଦ : ସଂଯୁକ୍ତା ରାଉତ**

ଆରବ ଦେଶର ଏକ ଲୋକକଥାକୁ ନେଇ ଗପଟି ରଚିତ। ଏହା ହେଉଛି ଗପର ପ୍ରଥମ ଭାଗ।

**କବିତା : ବରଷାଟି ଆସିଲା**
**ଲେଖକ : ବିଜୟ କୁମାର ମହାନ୍ତି**
ବରଷା ଆସିଲେ, ପରିବେଶ କିପରି ବଦଳିଯାଏ, ତାହାହିଁ କବିତାର ବିଷୟବସ୍ତୁ।

**କବିତା : ଗୀତ ଚାତୁରୀ**
**ଲେଖିକା: କାଞ୍ଚନବାଳା ମହାନ୍ତି**
କେତୋଟି କବିତା ପଦ ମାଧ୍ୟମରେ ପିଲାମାନଙ୍କୁ ପଚରା ଯାଇଛି, କୌତୂହଳ ପ୍ରଶ୍ନ।

**କବିତା : ସମୟଠୁ ଗୁଣ ଶିଖ**
**ଲେଖକ : ରଘୁନନ୍ଦନ ମହାପାତ୍ର**
ଘଣ୍ଟା କିପରି ଆମକୁ ସବୁକଥା ଠିକ୍ ସମୟରେ କରିବା ପାଇଁ ଶିଖାଇ ଦିଏ ତାହା ହିଁ ଏହି କବିତାରେ କୁହାଯାଇଛି।

**କବିତା : ଆମ ଆଈବୁଢ଼ୀ**
**ଲେଖିକା : ଯଶୋବନ୍ତି ବାରିକ**
ଆଈବୁଢ଼ୀ ଆମ ସମସ୍ତଙ୍କର ପ୍ରିୟ। ତା'ର ପ୍ରଶଂସା କରାଯାଇଛି କବିତାଟିରେ।

**କୁନାକୁନିଙ୍କ ରୋଷେଇ : ସେଓ**
ସେଓରେ କିପରି ପିଲାମାନେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରିପାରିବେ, ତାହା ବର୍ଣ୍ଣନା କରାଯାଇଛି, ଲେଖାଟିରେ।

**ସୂଚନା ଓ ପ୍ରଯୁକ୍ତି କଥା : କମ୍ପ୍ୟୁଟର ଭାଇରସ୍**
**ଲେଖକ : ହରିହର ତ୍ରିପାଠୀ**
ବର୍ତ୍ତମାନ ଏକ କମ୍ପ୍ୟୁଟର ଭାଇରସ୍ 'ରାନ୍‌ସମ୍ ୱେୟାର' କଥା ଚାରିଆଡ଼େ ଚହଳ ସୃଷ୍ଟି କରିଛି। ସେ ସଂପର୍କରେ ଏକ ଆଲୋଚନା ଏହି ଲେଖାଟିରେ କରାଯାଇଛି।

**କେମେଷ୍ଟ୍ରି କାହାଣୀ : 'ଜର୍ମାନିୟମ' ଆବିଷ୍କାର**
**ଲେଖକ : ନିତ୍ୟାନନ୍ଦ ପଣ୍ଡା**
ଏକ ମୌଳିକର ନାମ ହେଉଛି 'ଜର୍ମାନିୟମ'। ଏହା କିପରି ଆବିଷ୍କାର ହେଲା, ତାହାହିଁ ଲେଖାଟିରେ ବର୍ଣ୍ଣିତ ହୋଇଛି।

**ଏସବୁ ବ୍ୟତୀତ ନିୟମିତ ବିଭାଗ ସବୁ ସ୍ଥାନ ପାଇଛି :**

**ରାଜ୍ୟ ଖବର**
ଲିଟିଲ ମିସ୍ ୟୁନିଭର୍ସ ଫାଇନାଲ୍‌ରେ ପଦ୍ମାଳୟା, ହାଇସ୍କୁଲରେ ରହିବ ଯୁକ୍ତ ୨ ପାଠ୍ୟକ୍ରମ ଓ ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା।

**ତୁମ ପାଇଁ ଖବର**
ବିଶ୍ୱର ସବୁଠୁ ବଡ଼ ପରିବାର, ମହିଳାମାନେ ଉତ୍ତମ ଚାଳକ, ଅଳସୁଆ ପ୍ରତିଯୋଗିତା, ମୋବାଇଲ୍ ଓ ତକିଆ ମୁହଁରେ ସଂକ୍ରମଣ କରାଏ, ସବୁଠୁ ସୁନ୍ଦର ଡାକଘର ଓ ମହାଶୂନ୍ୟରେ ସବୁଜଘର।

**ଖେଳ ଖବର**
ଏଥର ଖେଳ ଖବର ପୃଷ୍ଠାରେ ଅଛି : ୧୦୦ ଅନ୍ତର୍ଜାତିକ ମ୍ୟାଚ ଖେଳିଲେ ସୁନିତା, ଭାରତୀୟ ଦଳର ୱେଷ୍ଟଇଣ୍ଡିଜ ଗସ୍ତ ଓ ମହିଳା କ୍ରିକେଟ ଭାଗିଦାରୀରେ ବିଶ୍ୱରେକର୍ଡ଼।

**ଚଳଚ୍ଚିତ୍ର ଖବର**
ନେତାଜୀଙ୍କୁ ନେଇ ଚଳଚ୍ଚିତ୍ର, 'ତୁଳସୀ ଅପା'ଙ୍କୁ ଅନ୍ତର୍ଜାତୀୟ ପୁରସ୍କାର, 'ଜଷ୍ଟ ମହବତ' ଓ 'ସିଷ୍ଟର ଶ୍ରୀଦେବୀ'ରେ ଅଭିନେତ୍ରୀ ଭୂମିକାରେ ବାବୁଶାନ।

ନିୟମିତ ବିଭାଗ ସ୍ଥାନିତ ହୋଇଛି ଯଥା :

କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠାଶାଳା-୩୮', ଶରତ କୁମାର ନାୟକଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି ।

■■■